# ଡାର୍ଟ (DART) ବୁକ୍

(ଡିଟେକ୍ଟ ଆଡଲଟେରେସନ୍ ୱିଥ୍ ରାପିଡ୍ ଟେଷ୍ଟ)

## ଅପମିଶ୍ରଣ ଚିହ୍ନଟ ନିମନ୍ତେ ତ୍ୱରିତ ପରୀକ୍ଷା




सत्यमेव जयते

fssai

ଭାରତୀୟ ଖାଦ୍ୟ ନିରାପତ୍ତା
ଏବଂ ମାନକ ପ୍ରାଧିକରଣ

ବିଶ୍ୱାସର ପ୍ରେରଣା ତଥା ନିରାପଦ ଓ ସ୍ୱାସ୍ଥ୍ୟକର ଖାଦ୍ୟର ନିର୍ଭର ପ୍ରତିଶ୍ରୁତି

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର

fssai
सत्यमेव जयते
ଭାରତୀୟ ଖାଦ୍ୟ ନିରାପତ୍ତା
ଏବଂ ମାନକ ପ୍ରାଧିକରଣ
ବିଶ୍ୱାସର ପ୍ରେରଣା ତଥା ନିରାପଦ ଓ ସ୍ୱାସ୍ଥ୍ୟକର ଖାଦ୍ୟର ନିର୍ଭର ପ୍ରତିଶ୍ରୁତି
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର

# ଖାଦ୍ୟରେ ଅପମିଶ୍ରଣ ଚିହ୍ନଟ ନିମନ୍ତେ ତୁରନ୍ତ ପରୀକ୍ଷାଯୋଗ୍ୟ କେତେକ ସାଧାରଣ ଘରୋଇ ପଦ୍ଧତି

ଜୀବନଧାରଣ ନିମନ୍ତେ ଖାଦ୍ୟ ହେଉଛି ଏକ ମୌଳିକ ଆବଶ୍ୟକତା । ଖାଦ୍ୟ ଅପମିଶ୍ରଣ ଗ୍ରାହକମାନଙ୍କ ସହିତ ବିଶ୍ୱାସଘାତକତା ଓ ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ହାନୀକାରକ । ଏହି ପୁସ୍ତିକା ପ୍ରକାଶ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆମ ଦେଶରେ ଖାଦ୍ୟ ଅପିମଶ୍ରଣର କେତେକ ସାଧାରଣ ପଦ୍ଧତି ସମ୍ପର୍କରେ ଗ୍ରାହକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ।

ଏହି ପୁସ୍ତିକାରେ ଉଲ୍ଲେଖ ନିର୍ଦ୍ଦେଶାବଳୀ ଘରୋଇ ସ୍ତରରେ ବ୍ୟବହାର କରିବା ନିମନ୍ତେ ପ୍ରସ୍ତୁତ କରାଯାଇଛି ଯାହାକି ଗ୍ରାହକମାନଙ୍କ ମଧ୍ୟରେ ଖାଦ୍ୟ ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବ ।

**ଉଦ୍‌ଘୋଷଣା**

ଗ୍ରାହକମାନଙ୍କ ମଧ୍ୟରେ ଅପିମଶ୍ରିତ ଖାଦ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ଅପମିଶ୍ରିତ ଖାଦ୍ୟର ଚିହ୍ନଟୀକରଣ ନିମନ୍ତେ ସରଳ ଉପାୟ ସମ୍ପର୍କିତ ସୂଚନା ପ୍ରଦାନ କରିବା ବ୍ୟତୀତ ଏହି ପୁସ୍ତିକାର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ ।

# ମୁଖବନ୍ଧ

ଭାରତୀୟମାନଙ୍କୁ ସୁରକ୍ଷିତ ଖାଦ୍ୟ ଯୋଗାଣ ସୁନିଶ୍ଚିତ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧତା ଯୋଗୁଁ ଭାରତୀୟ ଖାଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ଖାଦ୍ୟ ପଦାର୍ଥରେ ହେଉଥିବା ବିଭିନ୍ନ ପ୍ରକାର ଅପମିଶ୍ରଣ, ରାସାୟନିକ ଓ ଅଣୁଜୀବ ପ୍ରୟୋଗ ଜନିତ ଅପମିଶ୍ରଣ ଏବଂ ଖାଦ୍ୟ ସୁରକ୍ଷା ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ପ୍ରକାର ମାନକଗୁଡିକୁ ଯାଂଚ କରାଯାଉଛି । ଏଫ୍‌ଏସ୍‌ଏସ୍‌ଏଆଇ ଦ୍ୱାରା ଦେଶର ବିଭିନ୍ନ ସ୍ଥାନରେ ସ୍ୱୀକୃତ ପରୀକ୍ଷାଗାରଗୁଡିକରେ ଏହି ସମସ୍ତ ଯାଂଚ କରାଯାଉଛି । ପ୍ରତ୍ୟେକ ବର୍ଷ ଏଫ୍‌ଏସ୍‌ଏସ୍‌ଏଆଇର ଏହି ପରୀକ୍ଷାଗାରଗୁଡିକରେ ଲକ୍ଷାଧିକ ଖାଦ୍ୟ ପଦାର୍ଥର ମାନ ପରୀକ୍ଷା କରାଯାଉଛି । ଜଣେ ଗ୍ରାହକ ମଧ ନିଜେ ଏହି ପରୀକ୍ଷାଗାରକୁ ଯାଇ ଯେକୌଣସି ଖାଦ୍ୟ ପଦାର୍ଥର ମାନ ଯାଂଚ କରାଇ ପାରିବେ । ଯଦି ଏହି ପରୀକ୍ଷା ସମୟରେ କୌଣସି ଖାଦ୍ୟ ପଦାର୍ଥ ଅସୁରକ୍ଷିତ ପ୍ରମାଣିତ ହୁଏ ତେବେ ଯାଂଚ ବାବଦରେ ଗ୍ରାହକ ବ୍ୟୟ କରିଥିବା ଅର୍ଥ ତାଙ୍କୁ ଫେରସ୍ତ କରାଯିବ । ଏଥିସହିତ ସ୍ଥାନୀୟ ଅଚଂଳର ଖାଦ୍ୟ ସୁରକ୍ଷା ଅଧିକାରୀ ଏହି ନମୂନାକୁ  ଆଧାର ଭାବେ ଗ୍ରହଣ କରି ଏହି ଉତ୍ପାଦଗୁଡିକୁ ଜବତ କରିପାରିବେ ।

ଏହି ସମସ୍ତ ପରୀକ୍ଷା ନିମନ୍ତେ ଅତ୍ୟାଧୁନିକ ଯାନ୍ତ୍ରିକ ଉପକରଣ ଏବଂ ଉଚ୍ଚପ୍ରଶିକ୍ଷିତ ମାନବ ସମ୍ବଳର ଆବଶ୍ୟକତା ରହିଥିଲେବି କେତେକ ସାଧାରଣ ଅପମିଶ୍ରଣର ସହଜ ଚିହ୍ନଟ ପାଇଁ ନାଗରିକମାନେ ନିଜେ ମଧ ଯାଂଚ କରି ପାରିବେ । ଏହି ପୁସ୍ତିକାଟିରେ ଖାଦ୍ୟ ପଦାର୍ଥର ଗୁଣାତ୍ମକ ମାନ ଜାଣିବା ପାଇଁ କିଛି ଅତିସାଧାରଣ ଯାଂଚ ପଦ୍ଧତି ସମ୍ପର୍କରେ ବର୍ଣ୍ଣନା କରାଯାଇଛି ଯାହାଦ୍ୱାରା ଖାଦ୍ୟ ପଦାର୍ଥରେ ଅପମିଶ୍ରଣ ଚିହ୍ନଟ ନିମନ୍ତେ ତ୍ୱରିତ ପରୀକ୍ଷା  (ଡିଟେକ୍ଟିଂ ଆଡଲ୍ଟରେସନ୍ ୱିଥ୍ ରାପିଡ୍ ଟେଷ୍ଟିଂ) କରିହେବ ଓ କେତେକ ସାଧାରଣ ଅପମିଶ୍ରଣ ଯେମିତି କୃତ୍ରିମ ଓ ଖାଦ୍ୟ ଅନୁପଯୁକ୍ତ ରଙ୍ଗ ଏବଂ ଖାଦ୍ୟ ସାମଗ୍ରୀରେ ଉଦ୍ଦେଶ୍ୟମୂଳକ ଭାବେ  ଅନ୍ୟାନ୍ୟ ଦ୍ରବ୍ୟ  ଅପମିଶ୍ରଣ ସମ୍ପର୍କରେ ଜାଣିହେବ ।

ଭାରତୀୟ ନାଗରିକମାନଙ୍କ  ନିମନ୍ତେ ଏହି ପୁସ୍ତିକାଟି ବ୍ୟବହାରପଯୋଗୀ  ଓ ଗ୍ରହଣୀୟ ହେବ ବୋଲି ଆଶା । ଏହି ପୁସ୍ତିକାରେ ସ୍ଥାନିତ ହେବା ଯୋଗ୍ୟ ଅନ୍ୟ କୌଣସି ସାଧାରଣ ପରୀକ୍ଷା ସମ୍ପର୍କରେ ଯଦି କୌଣସି ବ୍ୟକ୍ତିଙ୍କ ନିକଟରେ କିଛି ସୂଚନା ଥାଏ, ତେବେ ଉକ୍ତ ପରୀକ୍ଷା ସମ୍ପର୍କିତ ମତାମତ ବା ପରାମର୍ଶ ଦେବା ନିଶ୍ଚିତ ଭାବେ ପ୍ରଶଂସନୀୟ ।

**ପଓ୍ୱନ ଅଗ୍ରଓ୍ୱାଲ**
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ

# ଖାଦ୍ୟରେ ଅପମିଶ୍ରିତ ଦ୍ରବ୍ୟ ଚିହ୍ନଟୀକରଣ ପାଇଁ କେତେକ ତ୍ୱରିତ ପରୀକ୍ଷା

## ସୂଚୀପତ୍ର


ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦ---------------------- ୦୧

ତୈଳ ଓ ଚର୍ବି ଜାତୀୟ ପଦାର୍ଥ------------------ ୦୪

ଚିନି ଓ ମିଷ୍ଟାନ୍ନ ଜାତୀୟ ପଦାର୍ଥ----------------- ୦୭

ଖାଦ୍ୟ ଶସ୍ୟ ଓ ବିଭିନ୍ନ ଉତ୍ପାଦ------------------ ୧୦

ଲୁଣ ଓ ଅନ୍ୟାନ୍ୟ ମସଲା ଜାତୀୟ ପଦାର୍ଥ -----------୧୬

ଫଳ ଓ ପନିପରିବା ଜାତୀୟ ପଦାର୍ଥ-------------- ୨୭

ମୃଦୁପାନୀୟ ଜାତୀୟ ପଦାର୍ଥ------------------- ୩୦



सत्यमेव जयते

fssai

ଭାରତୀୟ ଖାଦ୍ୟ ନିରାପତ୍ତା
ଏବଂ ମାନକ ପ୍ରାଧିକରଣ

ବିଶ୍ୱାସର ପ୍ରେରଣା ତଥା ନିରାପଦ ଓ ସ୍ୱାସ୍ଥ୍ୟକର ଖାଦ୍ୟର ନିର୍ଭର ପ୍ରତିଶୃତି

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର

# ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦ

## ପରୀକ୍ଷା- ୧

### କ୍ଷୀରରେ ପାଣି ଅପମିଶ୍ରଣର ଚିହ୍ନଟ :

**ପରୀକ୍ଷା ପଦ୍ଧତି :**

୧ ) ଏକ ଚିକ୍କଣ ଗଡାଣିଆ ସ୍ଥାନରେ ଏକ ବୁନ୍ଦା କ୍ଷୀର ପକାନ୍ତୁ ।

୨ ) ବିଶୁଦ୍ଧ କ୍ଷୀର ସେହି ସ୍ଥାନରେ ବସିଯିବ ନଚେତ ଧିରେଧିରେ ବୋହିଯିବ ଏବଂ ଧଳା ଦାଗ ରହିଯିବ ।

୩) କ୍ଷୀରରେ ପାଣି ମିଶିଥିଲେ ଏହା ତୁରନ୍ତ ଗଡିଯିବ ଏବଂ କୌଣସି ଚିହ୍ନ ରହିବ ନାହିଁ ।



ବିଶୁଦ୍ଧ କ୍ଷୀର



ଅପମିଶ୍ରିତ କ୍ଷୀର

## ପରୀକ୍ଷା- ୨

### କ୍ଷୀରରେ ପାଉଡର ଅପମିଶ୍ରଣର ଚିହ୍ନଟ :

ପରୀକ୍ଷା ପଦ୍ଧତି :

୧ ଗୋଟିଏ ପାତ୍ରରେ ୫ ରୁ ୧୦ ମି.ଲି. କ୍ଷୀର ଓ ସମାନ ପରିମାଣର ପାଣି ନିଅନ୍ତୁ ।

୨ ଏହାକୁ ଭଲ ଭାବରେ ମିଶାନ୍ତୁ ।

୩ ଯଦି କ୍ଷୀରରେ କୌଣସି ପାଉଡର ମିଶିଥାଏ ତେବେ ଏହା ଉପରେ ଏକ ମୋଟା ପରସ୍ତ ବସିବ ।

୪ ବିଶୁଦ୍ଧ କ୍ଷୀର ଗୋଳା ହୋଇଥିବାରୁ ଏହା ଉପରେ ଫେଣର ପତଳା ପରସ୍ତ ବସିଯିବ ।



ବିଶୁଦ୍ଧ କ୍ଷୀର



ଅପମିଶ୍ରିତ କ୍ଷୀର

## ପରୀକ୍ଷା-୩

### କ୍ଷୀରରେ ମଣ୍ଡ ଅପମିଶ୍ରଣର ଚିହ୍ନଟ :
### (ଖୁଆ, ଛେନା, ପନିର)

**ପରୀକ୍ଷା ପଦ୍ଧତି :**

୧ ଗୋଟିଏ ପାତ୍ରରେ ୨-୩ ମି.ଲି. କ୍ଷୀର ନିଅନ୍ତୁ ଓ ସେଥିରେ ୫ ମି.ଲି. ପାଣି ମିଶାଇ ଫୁଟାନ୍ତୁ ।
୨ ଏହାକୁ ଥଣ୍ଡା କରନ୍ତୁ ଓ ଏଥିରେ ୨-୩ ବୁନ୍ଦା ଆୟୋଡିନ୍ ଦ୍ରବଣ ପକାନ୍ତୁ ।
୩ ଯଦି କ୍ଷୀରର ରଙ୍ଗ ନୀଳ ହୋଇଯିବ ତେବେ ଏଥିରେ ମଣ୍ଡ ଥିବା ଜଣାପଡିବ ।
(କ୍ଷୀରରେ ପାଣି ମିଶାଇ ଏହାକୁ ଫୁଟାଇବା ଆବଶ୍ୟକତା ନାହିଁ । )


ବିଶୁଦ୍ଧ କ୍ଷୀର


ଅପମିଶ୍ରିତ କ୍ଷୀର

## ପରୀକ୍ଷା-୪

### ଗୁଆ ଘିଅ/ଲହୁଣୀରେ ଆଳୁ, କନ୍ଦମୂଳ ଚକଟା ବା ଅନ୍ୟାନ୍ୟ ମଣ୍ଡ ମିଶ୍ରଣର ଚିହ୍ନଟ :

**ପରୀକ୍ଷା ପଦ୍ଧତି :**

୧ ଗୋଟିଏ ସ୍ୱଚ୍ଛ କାଚ ଗିନାରେ ଅଧ (ଚା ଚାମଚ) ଚାମଚ ଘିଅ ବା ଲହୁଣୀ ନିଅନ୍ତୁ ।
୨ ଏଥିରେ ୨-୩ ବୁନ୍ଦା ଆୟୋଡିନ୍ ଦ୍ରବଣ ପକାନ୍ତୁ ।
୩ ଯଦି ଘିଅ/ଲହୁଣୀର ରଙ୍ଗ ନୀଳ ହୋଇଯିବ ତେବେ ଏଥିରେ ଆଳୁ, କନ୍ଦମୂଳ ଚକଟା ବା ଅନ୍ୟାନ୍ୟ ମଣ୍ଡ ଅପମିଶ୍ରଣ ହୋଇଥିବା ଜଣାପଡିବ ।


ବିଶୁଦ୍ଧ


ଅପମିଶ୍ରିତ

# ତୈଳ ଓ
# ଚର୍ବି ଜାତୀୟ ପଦାର୍ଥ

## ପରୀକ୍ଷା-୫

### ନଡ଼ିଆ ତେଲରେ ଅନ୍ୟ ତେଲ ଅପମିଶ୍ରଣ ଚିହ୍ନଟ :

**ପରୀକ୍ଷା ପଦ୍ଧତି :**

1. ଏକ ସ୍ୱଚ୍ଛ କାଚ ଗ୍ଲାସରେ ନଡ଼ିଆ ତେଲ ନିଅନ୍ତୁ ।
2. ଏହି ଗ୍ଲାସକୁ ଫ୍ରିଜ୍‌ରେ ୩୦ ମିନିଟ୍ ପାଇଁ ରଖିଦିଅନ୍ତୁ । ( ଫ୍ରିଜର ଭିତରେ ରଖନ୍ତୁ ନାହିଁ)
3. ଥଣ୍ଡା ହେବା ପରେ ନଡିଆ ତେଲ ବସିଯିବ ।
4. ଯଦି ଏଥିରେ ଅନ୍ୟ କୌଣସି ତେଲ ମିଶାଯାଇଥିବ ତେବେ ଅନ୍ୟ ତେଲ ନଡିଆ ତେଲ ସହିତ ନମିଶି ଅଲଗା ପରସ୍ତ ହୋଇ ଦେଖାଯିବ ।



ବିଶୁଦ୍ଧ



ଅପମିଶ୍ରିତ

## ପରୀକ୍ଷା-୬

### ତୈଳ ଓ ଚର୍ବି ଜାତୀୟ ପଦାର୍ଥରେ ଟ୍ରାଇ ଅର୍ଥୋକ୍ରେସିଲ୍ ଫସ୍‌ଫେଟ୍ ଅପମିଶ୍ରଣର ଚିହ୍ନଟ :

**ପରୀକ୍ଷା ପଦ୍ଧତି :**

1. ଗୋଟିଏ ପାତ୍ରରେ ୨ ମି.ଲି. ତେଲ ନିଅନ୍ତୁ ।
2. ଏଥିରେ ଅଳ୍ପ ପରିମାଣର ହଳଦିଆ ବଟର/ଲହୁଣୀ (କଠିନ) ମିଶାନ୍ତୁ ।
3. ବଟର ମିଶାଇବା ମାତ୍ରେ ଯଦି ତେଲର ରଙ୍ଗ ଲାଲ ହୋଇଯାଏ ତେବେ ତେଲରେ ଟ୍ରାଇ ଅର୍ଥୋକ୍ରେସିଲ୍ ଫସ୍‌ଫେଟ୍ (ଟିଓସିପି)ର ଅପମିଶ୍ରଣ ହୋଇଥିବା ଜଣାପଡିଥାଏ ।



ବିଶୁଦ୍ଧ



ଅପମିଶ୍ରିତ

## ପରୀକ୍ଷା-୭

## ରିଫାଇନ୍‌ଡ ୱିନଟରାଇଜ୍‌ଡ (ବିଶୋଧିତ ଶୀତଳିକୃତ) ସାଲଡ ତେଲର ଉପଯୁକ୍ତ ୱିନଟରାଇଜେସନ୍:

### ପରୀକ୍ଷା ପଦ୍ଧତି :

1. ଗୋଟିଏ ବୋତଲରେ ୧୦୦ ମି.ଲି. ତେଲ ନିଅନ୍ତୁ, ଏହାର ଠିପିକୁ ଟାଇଟ୍ ଭାବେ ବନ୍ଦ କରି ପାରାଫିନ୍ ଦ୍ୱାରା ସିଲ କରି ଦିଅନ୍ତୁ ।
2. ବରଫ ଗୁଣ୍ଡ ଭର୍ତ୍ତି ଗୋଟିଏ ବାଲ୍ଟିରେ ଏହି ବୋତଲକୁ ବୁଡାଇ ଦିଅନ୍ତୁ ଓ ବୋତଲଟି ବାଲ୍ଟିରେ ସମ୍ପୂର୍ଣ୍ଣ ଭାବେ ବୁଡିଲା ପର୍ଯ୍ୟନ୍ତ ପାଣି ଭର୍ତ୍ତି କରି ଦିଅନ୍ତୁ ।
3. ବାଲ୍ଟିରେ ପାଣିର ପରିମାଣ ବଢ଼ିଲେ ପାଣି ବାହାର କରି ସେଥିରେ ବରଫଗୁଣ୍ଡ ଭର୍ତ୍ତି କରି ଦିଅନ୍ତୁ ଯେପରି ବୋତଲ ସମ୍ପୂର୍ଣ୍ଣ ବରଫ ଭିତରେ ରହିବ ।
4. ୫ ଘଂଟା ଓ ୩୦ ମିନିଟ୍ ପରେ ବୋତଲକୁ ବରଫ ଭର୍ତ୍ତି ବାଲ୍ଟିରୁ ବାହାରକୁ ବାହାର କରନ୍ତୁ ଓ ଏହି ବୋତଲ ଭିତରେ ଥିବା ତେଲକୁ ପରୀକ୍ଷା କରନ୍ତୁ ।
5. ଯଦି ଏହାକୁ ଉପଯୁକ୍ତ ଭାବରେ ଶୀତଳିକରଣ କରାଯାଇଥିବ ତେବେ ତେଲରେ କୌଣସି ପରିବର୍ତ୍ତନ ହେବ ନାହିଁ ଓ ତେଲ ସମ୍ପୂର୍ଣ୍ଣ ପରିଷ୍କାର ଓ ସ୍ୱଚ୍ଛ ଦେଖାଯିବ ।



ରିଡଫାଇନ୍‌ଡ ୱିନଟରାଇଜ୍‌ଡ ସାଲଡ ତେଲ

# ଚିନି  ଓ ମିଷ୍ଟାନ୍ନ ଦ୍ରବ୍ୟ

## ପରୀକ୍ଷା-୮

### ମହୁରେ ଚିନିପାଣି ଅପମିଶ୍ରଣ ଚିହ୍ନଟ :

**ପରୀକ୍ଷା ପଦ୍ଧତି :**

୧. ଏକ ସ୍ୱଚ୍ଛ କାଚ ଗ୍ଲାସ ଭର୍ତ୍ତି ପାଣି ନିଅନ୍ତୁ ।
୨. ଏହି ଗ୍ଲାସରେ ଏକ ଟୋପା ମହୁ ମିଶାନ୍ତୁ ।
୩. ଉତ୍ତମ ମହୁ ପାଣିରେ ମିଶିବ ନାହିଁ ।
୪. ଯଦି ମହୁ ବୁନ୍ଦାଟି ପାଣିରେ ତୁରନ୍ତ ମିଶିଯାଏ ତେବେ ଏହା ବିଶୁଦ୍ଧ ମହୁ ନୁହେଁ ଏଥିରେ ଚିନି ମିଶ୍ରଣ କରାଯାଇଛି ।

**ପରୀକ୍ଷା ପଦ୍ଧତି :**

୧. ଗୋଟିଏ ତୁଳା ବଳିତା ନିଅନ୍ତୁ ଓ ଏହାକୁ ମହୁରେ ବୁଡାଇ ଏଥିରେ ନିଁଆ ଲଗାନ୍ତୁ ।
୨. ବିଶୁଦ୍ଧ ମହୁ ସମ୍ପୂର୍ଣ୍ଣ ଜଳି ଯିବ ।
୩. ମହୁ ଯଦି ବିଶୁଦ୍ଧ ହୋଇନଥିବ ତେବେ ଏଥିରେ ଥିବା ପାଣି ବଳିତାରେ ନିଁଆ ଲାଗିବାକୁ ଦେବ ନାହିଁ ଓ କିଛି ଭାଙ୍ଗି ଯିବା ଭଳି ଚଡ ଚଡ ଶବ୍ଦ ହେବ ।



ବିଶୁଦ୍ଧ



ଅପମିଶ୍ରିତ

## ପରୀକ୍ଷା- ୯

### ଚିନି ,ଗୁଣ୍ଡ ଚିନି ଓ ଗୁଡରେ ଚକ୍ ଗୁଣ୍ଡ ଅପମିଶ୍ରଣର ଚିହ୍ନଟ :

**ପରୀକ୍ଷା ପଦ୍ଧତି :**

୧. ଏକ ସ୍ୱଚ୍ଛ କାଚ ଗ୍ଲାସ ଭର୍ତ୍ତି ପାଣି ନିଅନ୍ତୁ ।
୨. ଏଥିରେ ୧୦ ଗ୍ରାମ ଚିନି/ଗୁଣ୍ଡ ଚିନି/ ଗୁଡ ପାଣିରେ ଭଲ ଭାବରେ ମିଶାଇ ଦିଅନ୍ତୁ ।
୩. ଯଦି ଏଥିରେ ଚକ୍ ମିଶାଯାଇଥିବ ତେବେ ଚକ୍ ଗୁଣ୍ଡ ଗ୍ଲାସ୍‌ର ତଳ ସ୍ତରେ ଜମା ହୋଇଯିବ ।



ବିଶୁଦ୍ଧ



ଅପମିଶ୍ରିତ

## ପରୀକ୍ଷା-୧୦

## ଚାନ୍ଦି ଆବରଣ ଯୁକ୍ତ (ରୂପା) ପତ୍ରରେ ଆଲୁମିନିଅମ୍ ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଅଳ୍ପ ପତ୍ରକୁ ନେଇ ହାତରେ ଚୁରି ଦିଅନ୍ତୁ

୨ ଅସଲି ରୂପା ପତ୍ର ସହଜରେ ଗୁଣ୍ଡ ହୋଇଗଲାବେଳେ ଆଲୁମିନିଅମ୍ ଅପମିଶ୍ରିତ ପତ୍ର ଗୁଡିକ ସହଜରେ ଚୁରି ହେବ ନାହିଁ ଓ ଖଣ୍ଡ ଖଣ୍ଡ ହୋଇ ରହିବ ।

୩ ଏହି ଅପମିଶ୍ରିତ ସନ୍ଦେହ ହେଉଥିବା ପତ୍ରକୁ ହାତରେ ଛୋଟ ଗୁଳା କରନ୍ତୁ ଓ ଏହାକୁ ନିଆଁରେ ଜଳାନ୍ତୁ ।

୪ ଅସଲ ରୂପା ପତ୍ର ସମ୍ପୂର୍ଣ୍ଣ ଭାବେ ନିଆଁରେ ଜଳି ଗଲାପରେ ମଧ ଚକ୍ ଚକ୍ ହେବ କିନ୍ତୁ ଅପମିଶ୍ରିତ ଆଲୁମିନିଅମ୍ ପତ୍ରଗୁଡିକ ଜଳିବା ପରେ ପାଉଁଶରେ ପରିଣତ ହୋଇଯିବ ।



ଚାନ୍ଦି ବା ରୂପା



ଆଲୁମିନିୟମ୍ ପତ୍ର



ଚାନ୍ଦି ବା ରୂପା



ଆଲୁମିନିୟମ୍ ପତ୍ର

# ଖାଦ୍ୟ ଶସ୍ୟ ଓ
# ଏହାର ବିଭିନ୍ନ ଉତ୍ପାଦ

## ପରୀକ୍ଷା- ୧୧

## ଖାଦ୍ୟ ଶସ୍ୟରେ ବିଭିନ୍ନ (ବାଲି, ଗୋଡି, ଛୋଟ ପଥର, ନଡା, ମଲା ମଞ୍ଜି, ନଷ୍ଟ ଖାଦ୍ୟ ଶସ୍ୟ, ଗହମ ପୋକ, ପୋକ-ଜୋକ, ମୂଷା ଲୋମ ଓ ମଳ) ଅପମିଶ୍ରିତ ଦ୍ରବ୍ୟ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଏକ କାଚ ପ୍ଲେଟ୍‌ରେ ଅଳ୍ପ ପରିମାଣର ନମୂନା ଖାଦ୍ୟ ଶସ୍ୟ ନିଅନ୍ତୁ ।

୨ ଏହାକୁ ଭଲ ଭାବରେ ଦେଖିଲେ ଖାଲି ଆଖିରେ ଆପଣ ମଧ୍ୟ ଫରକ ଜାଣି ପାରିବେ ।

୩ ଉତ୍ତମ ଖାଦ୍ୟ ଶସ୍ୟରେ ଏଭଳି ଅପମିଶ୍ରିତ ଜିନିଷ ଦେଖିବାକୁ ମିଳିବ ନାହିଁ ।

୪ ଅପମିଶ୍ରିତ ଖାଦ୍ୟ ଶସ୍ୟକୁ ଦେଖିଲେ ହୋଇଥିବା ଅପମିଶ୍ରଣ ଜଣାପଡିଯିବ ।



ବିଶୁଦ୍ଧ



ଅପମିଶ୍ରିତ

## ପରୀକ୍ଷା- ୧୨

## ଖାଦ୍ୟ ଶସ୍ୟରେ ଦୁଦୁରା ମଞ୍ଜି ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଏକ କାଚ ପ୍ଲେଟ୍‌ରେ ଅଳ୍ପ ପରିମାଣର ଖାଦ୍ୟ ଶସ୍ୟ ନିଅନ୍ତୁ ।

୨ ଏହାକୁ ଭଲ ଭାବରେ ଦେଖିଲେ ଆପଣ ମଧ୍ୟ ଫରକ ଜାଣି ପାରିବେ ।

୩ ଭଲ ଭାବରେ ନିରୀକ୍ଷଣ କଲେ ଦୁଦୁରା ମଞ୍ଜି ଗୁଡିକ ସ୍ପଷ୍ଟ ଭାବେ ବାରି ହୋଇଯିବ ଏହାର ଆକାର ଅସମତଳ ଓ ରଙ୍ଗ ଗାଢ଼ ବାଦାମୀ ଅଟେ ।



ଖାଦ୍ୟ ଶସ୍ୟରେ ଦୁଦୁରା ମଞ୍ଜି



ଦୁଦୁରା ମଞ୍ଜି

## ପରୀକ୍ଷା- ୧୩

### ଅଟାରେ ଅଧିକ କୁଣ୍ଡା  ଅପମିଶ୍ରଣ ଚିହ୍ନଟ

**ପରୀକ୍ଷା ପଦ୍ଧତି :**

୧ ଏକ କାଚ ଗ୍ଲାସରେ ପରିଷ୍କାର ପାଣି ନିଅନ୍ତୁ ।
୨ ଏହା ଉପରେ ଏକ ଚାମଚ ଅଟା ଛିଟିଂ ଦିଅନ୍ତୁ ।
୩ ପ୍ରକୃତ ଅଟା ପାଣି ଉପରେ ଭାସିବା ଦ୍ୱାରା ହୋଇଥିବା ପରସ୍ତରେ ଅଧିକ କୁଣ୍ଡା ଦିଶିବ ନାହିଁ ।
୪ ଅପମିଶ୍ରିତ ଅଟା ପାଣି ଉପରେ ଭାସିବା ଦ୍ୱାରା ହୋଇଥିବା ପରସ୍ତରେ ଅତ୍ୟଧିକ କୁଣ୍ଡା ଦିଶିବ ।



ବିଶୁଦ୍ଧ ଅଟା



ଅଟାରେ ଅତ୍ୟଧିକ କୁଣ୍ଡା ଅପମିଶ୍ରଣ

## ପରୀକ୍ଷା- ୧୪

### ଗୋଟା ବା ଫାଳ ଡାଲିରେ ଖେସାରି ଡାଲି ଅପମିଶ୍ରଣ ଚିହ୍ନଟ

**ପରୀକ୍ଷା ପଦ୍ଧତି :**

୧ ଏକ କାଚ ପ୍ଲେଟ୍‌ରେ ଅଳ୍ପ ପରିମାଣର ଗୋଟା ବା ଫାଳ ଡାଲି ନିଅନ୍ତୁ ।
୨ ଏହାକୁ ଭଲ ଭାବରେ ଦେଖିଲେ ଆପଣ ମଧ ଫରକ ଜାଣି ପାରିବେ ।
୩ ଖେସାରି ଡାଲିର ଆକାର ଗୋଲ ବା ଗୋଟାଳିଆ ହେବା ବଦଳରେ ଚାରିକଣିଆ, ଅଙ୍କାବଙ୍କା ଓ ଗୋଟିଏ ପଟକୁ ଢ଼ଳିଲା ଭଳି ଦେଖାଯିବ । ଯାହାକୁ ନିରେଖି ଦେଖିଲେ ଆପଣ ଖାଲି ଆଖିରେ ମଧ ଚିହ୍ନଟ କରିପାରିବେ ।
୪ ବିଶୁଦ୍ଧ ଡାଲି କ୍ଷେତ୍ରରେ ଏଭଳି ଜିନିଷ ଦେଖିବାକୁ ମିଳିବ ନାହିଁ ।



ବିଶୁଦ୍ଧ ଡାଲି



ଖେସାରି ଡାଲି

## ପରୀକ୍ଷା- ୧୫

### ଖାଦ୍ୟ ଶସ୍ୟରେ କୃତ୍ରିମ ରଙ୍ଗ ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଏକ କାଚ ଗ୍ଲାସରେ ପରିଷ୍କାର ପାଣି ନିଅନ୍ତୁ ।
୨ ୨ ଚାମଚ ଖାଦ୍ୟ ଶସ୍ୟ ଏଥିରେ ପକାଇ ଭଲ ଭାବରେ ମିଶାନ୍ତୁ ।
୩ ଯଦି ଖାଦ୍ୟ ଶସ୍ୟ ବିଶୁଦ୍ଧ ହୋଇଥାଏ ତେବେ ଏଥିରୁ ରଙ୍ଗ ଛାଡିବ ନାହିଁ ।
୪ ଅପମିଶ୍ରିତ ଖାଦ୍ୟ ଶସ୍ୟ ପାଣିରେ ପଡିବା ମାତ୍ରେ ଏଥିରୁ ରଙ୍ଗ ଛାଡିବ ।


ବିଶୁଦ୍ଧ


ଅପମିଶ୍ରିତ

## ପରୀକ୍ଷା- ୧୬

### ଉଷୁନା ଚାଉଳରେ ହଳଦୀ ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଏକ କାଚ ପ୍ଲେଟ୍‌ରେ ଚାମଚେ ଉଷୁନା ଚାଉଳ ନିଅନ୍ତୁ ।
୨ ଏହା ଉପରେ ଅଳ୍ପ ପରିମାଣର ଶୁଖିଲା ଚୂନ (ପାନରେ ବ୍ୟବହାର ହେଉଥିବା ଚୂନ) ଛିଟିଂ ଦିଅନ୍ତୁ ।
୩ ବିଶୁଦ୍ଧ ଚାଉଳର ରଙ୍ଗ ଲାଲ ହେବ ନାହିଁ ।
୪ ଅପମିଶ୍ରଣ ହୋଇଥିବା ଚାଉଳର ରଙ୍ଗ ଲାଲ ହୋଇଯିବ ।


ବିଶୁଦ୍ଧ


ଅପମିଶ୍ରିତ

## ପରୀକ୍ଷା- ୧୭

### ମାଣ୍ଡିଆରେ ରୋଡାମାଇନ୍ ବି ଅପମିଶ୍ରଣ ଚିହ୍ନଟ

**ପରୀକ୍ଷା ପଦ୍ଧତି :**

1. ଏକ ତୁଳା ବଲକୁ ତେଲ ବା ପାଣିରେ ଭିଜାଇ ଚୁପୁଡି ଦିଅନ୍ତୁ (ଏହି ପରୀକ୍ଷା ଅଲଗା ଅଲଗା କରନ୍ତୁ) ।
2. ଏହି ତୂଳାରେ ମାଣ୍ଡିଆର ବାହାର ଚୋପାକୁ ଘସନ୍ତୁ ।
3. ଯଦି ତୂଳାରେ କୌଣସି ରଙ୍ଗ ଲାଗେ ତେବେ ମାଣ୍ଡିଆରେ ରୋଡାମାଇନ୍ ବି ଅପମିଶ୍ରଣ ହୋଇଥିବା ଜଣାପଡିବ ।



ବିଶୁଦ୍ଧ



ଅପମିଶ୍ରିତ

## ପରୀକ୍ଷା- ୧୮

### ଡାଲିରେ ଚାକୁଣ୍ଡା ମଞ୍ଜି ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

1. ଏକ କାଚ ପ୍ଲେଟ୍‌ରେ କିଛି ଡାଲି ନିଅନ୍ତୁ ।
2. ଏହାକୁ ଭଲ ଭାବରେ ଦେଖିଲେ ଆପଣ ମଧ ଫରକ ଜାଣି ପାରିବେ ।
3. ଖାଲି ଆଖିରେ ନିରେଖି ଦେଖିଲେ ଆପଣ ମଧ ଡାଲି ଭିତରୁ ଚାକୁଣ୍ଡା ମଞ୍ଜିଗୁଡିକୁ ଅଲଗା କରିପାରିବେ ।



ଚାକୁଣ୍ଡା ମଞ୍ଜି

## ପରୀକ୍ଷା- ୧୯

### ଅଟା, ମଇଦା ଓ ସୁଜି ଇତ୍ୟାଦିରେ ବାଲି, ଗୋଡି,ପୋକ, ବୁଢ଼ୀଆଣି ଜାଲ, ଗେଟା, ମୂଷା ଲୋମ ଇତ୍ୟାଦି ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଖାଲି ଆଖିରେ ନିରେଖି ଦେଖିଲେ ଆପଣ ମଧ ଏହା ଜାଣିପାରିବେ ।



ଅଟା, ମଇଦା ଓ ସୁଜି



ବାଲି, ଗୋଡି,ପୋକ, ବୁଢ଼ୀଆଣି ଜାଲ, ଗେଟା, ମୂଷା ଲୋମ ଇତ୍ୟାଦି



# ଲୁଣ ଓ ଅନ୍ୟାନ୍ୟ ମସଲା ଜାତୀୟ ପଦାର୍ଥ

## ପରୀକ୍ଷା - ୨୦

### ହେଙ୍ଗୁରେ ଲାଖ ଅପମିଶ୍ରଣ ଚିହ୍ନଟ

**ପରୀକ୍ଷା ପଦ୍ଧତି - ୧ :**

1. ଏକ ଷ୍ଟେନଲେସ୍ ଷ୍ଟିଲ ଚାମଚରେ କିଛି ହେଙ୍ଗୁ ନିଅନ୍ତୁ ।
2. ବିଶୁଦ୍ଧ ହେଙ୍ଗୁ କର୍ପୂର ଭଳି ଜଳି ଯିବ ।
3. କିନ୍ତୁ ଅପିମଶ୍ରଣ ହୋଇଥିବା ହେଙ୍ଗୁ କର୍ପୂର ଭଳି ଜଳିବ ନାହିଁ ।



ବିଶୁଦ୍ଧ



ଅପମିଶ୍ରିତ

### ହେଙ୍ଗୁରେ ଲାଖ ଅପମିଶ୍ରଣ ଚିହ୍ନଟ

**ପରୀକ୍ଷା ପଦ୍ଧତି - ୨ :**

1. ୧ଗ୍ରାମ ହେଙ୍ଗୁକୁ ଗୁଣ୍ଡ କରନ୍ତୁ ଓ ଗୋଟିଏ ଗ୍ଲାସ୍‌ରେ ଏହି ଗୁଣ୍ଡକୁ ରଖନ୍ତୁ ।
2. ଏହି ଗ୍ଲାସରେ ୧ ଚାମଚ ପାଣି ପକାନ୍ତୁ ଓ ଏହାକୁ ଭଲ ଭାବରେ ହଲାଇ ମିଶାନ୍ତୁ ।
3. ଏହି ମିଶ୍ରଣର ରଙ୍ଗ ଯଦି କ୍ଷୀର ଭଳି ଧଳା ହୋଇଯାଏ ତେବେ ହେଙ୍ଗୁ ବିଶୁଦ୍ଧ ଥିବା ଜଣାପଡିବ ।



ହେଙ୍ଗୁ



ଖାଦ୍ୟ ଅନୁପଯୋଗୀ ଅଠା/ଲାଖ

## ପରୀକ୍ଷା-୨୧

## ଗୋଲମରିଚରେ ଅମୃତଭଣ୍ଡା ମଞ୍ଜି ଅପମିଶ୍ରଣ ଚିହ୍ନଟ

### ପରୀକ୍ଷା ପଦ୍ଧତି-୧ :

1. ଗୋଟିଏ କାଚ ଗ୍ଲାସରେ ପାଣି ନିଅନ୍ତୁ ଓ କିଛି ଗୋଲମରିଚକୁ ଏହି ଭିତରେ ପକାନ୍ତୁ ।
2. ବିଶୁଦ୍ଧ ଗୋଲମରିଚ ଗ୍ଲାସର ତଳେ ବସିଯିବ ।
3. ଅପମିଶ୍ରଣ ହୋଇଥିବା ଗୋଲମରିଚ କ୍ଷେତ୍ରରେ ଅମୃତଭଣ୍ଡା ମଞ୍ଜିଗୁଡ଼ିକୁ ପାଣି ଉପରେ ଭାସିବ ।



ଗୋଲମରିଚ



ଅମୃତଭଣ୍ଡା ମଞ୍ଜି

## ଗୋଲମରିଚରେ ଅମୃତଭଣ୍ଡା ମଞ୍ଜି ଅପମିଶ୍ରଣ ଚିହ୍ନଟ

### ପରୀକ୍ଷା ପଦ୍ଧତି-୨ :

1. ଏକ ସଫା ଧଳା କାଗଜରେ ଗୋଲ ମରିଚଗୁଡ଼ିକୁ ଢାଳନ୍ତୁ ।
2. ଏହାକୁ ଏକ ଜବକାଚ ବା ମାଗ୍ନିଫାଇଙ୍ଗ ଲେନ୍ସରେ ଭଲ ଭାବରେ ଦେଖନ୍ତୁ ।
3. ଗୋଲମରିଚର ରଙ୍ଗ ବାଦାମୀ ଅଟେ । ଏହାର ଉପର ଭାଗରେ ଜାକି ଜାକି ହେଲା ଭଳି ଭାଙ୍ଗ ପଡିଥାଏ ଓ ଏହାର ଏକ ସ୍ୱତନ୍ତ୍ର ଗନ୍ଧ ଓ ସ୍ୱାଦ ରହିଛି ।
4. ଅମୃତଭଣ୍ଡା ମଞ୍ଜିଗୁଡିକ ଗୋଟିଏ ପଟକୁ ସରୁ ଓ ସମ୍ପୂର୍ଣ୍ଣ ମସୃଣ ହୋଇଥାଏ । ଏହି ମଞ୍ଜିଗୁଡିକ ଗୋଲାକାର ନୁହେଁ ଅଣ୍ଡାକୃତି (ଓଭାଲ) । ଏହି ମଞ୍ଜିଗୁଡ଼ିକର ରଙ୍ଗ ସବୁଜ ବାଦାମୀ ବା କଳା ବାଦାମୀ ଓ ସ୍ୱାଦ ହୀନ ଅଟେ ।



ଗୋଲମରିଚ



ଅମୃତଭଣ୍ଡା ମଞ୍ଜି

## ପରୀକ୍ଷା - ୨୨

### ଗୋଲମରିଚରେ ହାଲୁକା କଳାକୋଳି  ମଞ୍ଜି ଅପମିଶ୍ରଣ ଚିହ୍ନଟ

**ପରୀକ୍ଷା ପଦ୍ଧତି :**

- ୧ କିଛି ଗୋଲମରିଚ ହାତରେ ନେଇ ଚାପି ଦିଅନ୍ତୁ ।
- ୨ ଗୋଲମରିଚ ଚିପିଲେ ଗୁଣ୍ଡ ହୁଏ ନାହିଁ କିନ୍ତୁ ଏଥିରେ ଅପମିଶ୍ରିତ କଳାକୋଳିଗୁଡିକୁ ଚିପିଲେ ଏହା ଗୁଣ୍ଡ ହୋଇଯିବ ।



ଗୋଲମରିଚ



ହାଲୁକା କଳା କୋଳି

## ପରୀକ୍ଷା - ୨୩

### ହେଙ୍ଗୁରେ ସାବୁନ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ପଥର କିମ୍ବା ଅନ୍ୟାନ୍ୟ ଅପମିଶ୍ରଣ ଚିହ୍ନଟ

**ପରୀକ୍ଷା ପଦ୍ଧତି :**

- ୧ ଗୋଟିଏ କାଚ ଗ୍ଲାସରେ କିଛି ପାଣି ନିଅନ୍ତୁ ଓ ଏଥିରେ କିଛି ହେଙ୍ଗୁର ନମୁନା ମିଶାଇ ଭଲ ଭାବରେ ଫେଣ୍ଟି ଦିଅନ୍ତୁ ଓ ଏହାକୁ ବସିବା ପାଇଁ କିଛଇ ସମୟ ଛାଡି ଦିଅନ୍ତୁ ।
- ୨ ବିଶୁଦ୍ଧ ହେଙ୍ଗୁ ସମ୍ପୂର୍ଣ୍ଣ ଭାବରେ ପାଣିରେ ମିଶିଯିବ ଓ ଗ୍ଲାସର ତଳ ଅଂଶରେ କୌଣସି ଜିନିଷ ଜମାହେବ ନାହିଁ ।
- ୩ ଏହା ଅପମିଶ୍ରିତ ହୋଇଥିଲେ ଗ୍ଲାସର ତଳ ଭାଗରେ ସାବୁନ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ପଥର କିମ୍ବା ଅନ୍ୟାନ୍ୟ ମାଟି ଜାତୀୟ ଜିନିଷ  ଜମା ହୋଇ ରହିବ ।



ବିଶୁଦ୍ଧ



ଅପମିଶ୍ରିତ

## ପରୀକ୍ଷା- ୨୪

### ଲଙ୍କାଗୁଣ୍ଡରେ କୃତ୍ରିମ ବା ପାଣିରେ ମିଶିଯାଉଥିବା ସିନ୍ଥେଟିକ୍ ରଙ୍ଗ ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଗୋଟିଏ କାଚ ଗ୍ଲାସରେ କିଛି ପାଣି ନିଅନ୍ତୁ ଓ ଏଥିରେ କିଛି ଲଙ୍କାଗୁଣ୍ଡ ନମୂନାକୁ ଛିଟିଂ ଦିଅନ୍ତୁ ।

୨ ଅପିମଶ୍ରିତ ଲଙ୍କାଗୁଣ୍ଡରୁ ତୁରନ୍ତ ରଙ୍ଗ ଛାଡିବା ଆରମ୍ଭ ହେବ ଯାହା ସ୍ପଷ୍ଟ ଭାବରେ ଜଣାପଡିବ ।



ବିଶୁଦ୍ଧ



ଅପମିଶ୍ରିତ

## ପରୀକ୍ଷା- ୨୫

### ଗୋଲମରିଚରେ ହାଲୁକା କଳାକୋଳି  ମଞ୍ଜି ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ କିଛି ନମୂନା ଗୋଲମରିଚକୁ ଆଲକହଲ (ରେକ୍ଟିଫାଏଡ ସ୍ପିରିଟ୍)ରେ ପକାନ୍ତୁ ।

୨ ବିଶୁଦ୍ଧ ଗୋଲମରିଚ ବୁଡିଯିବ ଓ ହାଲୁକା କଳାକୋଳି  ମଞ୍ଜିଗୁଡିକ ଉପରେ ଭାସିବ ।



ଗୋଲମରିଚ



ହାଲୁକା କଳା କୋଳି

## ପରୀକ୍ଷା- ୨୬

### ଲଙ୍କାଗୁଣ୍ଡରେ କରତଗୁଣ୍ଡ ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

1. କିଛି ନମୂନା ଲଙ୍କାଗୁଣ୍ଡକୁ ପାଣିରେ ମିଶାନ୍ତୁ ।
2. କରତଗୁଣ୍ଡ ଗ୍ଲାସର ଉପରଭାଗରେ ଭାସିବ କିନ୍ତୁ ବିଶୁଦ୍ଧ ଲଙ୍କାଗୁଣ୍ଡ ଗ୍ଲାସର ତଳ ଭାଗରେ ବସିଯିବ ।



ଲଙ୍କା ଗୁଣ୍ଡ



କରତ ଗୁଣ୍ଡ

## ପରୀକ୍ଷା- ୨୭

### ହେଙ୍ଗୁରେ ମଣ୍ଡର ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

1. ହେଙ୍ଗୁର କିଛି ନମୂନା ନିଅନ୍ତୁ ଓ ଏଥିରେ ଟିମୁଟାଏ ଆୟୋଡିନ୍ ମିଶାନ୍ତୁ ।
2. ଯଦି ଏହାର ରଙ୍ଗ ନୀଳ ହୋଇଯିବ ତେବେ ଏଥିରେ ମଣ୍ଡ ଅପମିଶ୍ରିତ ହୋଇଥିବା ଜଣାପଡିବ ।



ହେଙ୍ଗୁ



ମଣ୍ଡ

## ପରୀକ୍ଷା- ୨୮

### ଲୁଣରେ ଚକ୍ ଗୁଣ୍ଡର ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

- ୧ ଏକ ଗ୍ଲାସ ପାଣିରେ ୧ ଚାମଚ ଲୁଣ ଭଲ ଭାବରେ ଗୋଳାନ୍ତୁ ।
- ୨ ଲୁଣରେ ଅପମିଶ୍ରଣ ହୋଇଥିଲେ ପାଣି ରଙ୍ଗ ଧଳା ହେବାସହିତ ଗ୍ଲାସର ତଳ ଭାଗରେ କିଛି ପଦାର୍ଥ ବସି ରହିବ ।



ସାଧାରଣ ଲୁଣ



ଚକ୍ ଗୁଣ୍ଡ

## ପରୀକ୍ଷା- ୨୯

### ଭଲ ଲବଙ୍ଗରେ ଫମ୍ପା ଲବଙ୍ଗ ଅପମିଶ୍ରଣ ଚିହ୍ନଟ

**ପରୀକ୍ଷା ପଦ୍ଧତି :**

- ୧ ଏକ କାଚ ଗ୍ଲାସରେ ପାଣି ନିଅନ୍ତୁ ଓ ଏଥିରେ କିଛି ନମୂନା ଲବଙ୍ଗ ପକାନ୍ତୁ ।
- ୨ ବିଶୁଦ୍ଧ ଲବଙ୍ଗ ଗ୍ଲାସ ତଳେ ବସିଯିବ ଓ ଫମ୍ପା ଲବଙ୍ଗ ପାଣି ଉପରେ ଭାସିବ ।



ଲବଙ୍ଗ



ଫମ୍ପା (ତେଲ ବାହାର କରାଯାଇଥିବା ଲବଙ୍ଗ)

## ପରୀକ୍ଷା-୩୦

### ଡାଲଚିନିରେ ଜଙ୍ଗଲି ଡାଲଚିନି ଛାଲ ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଏକ ଗ୍ଲାସ ପ୍ଲେଟରେ ଅଳ୍ପ ପରିମାଣ ଡାଲିଚିନି ନିଅନ୍ତୁ ।
୨ ଯଦି ଅପମିଶ୍ରଣ ହୋଇଥାଏ ତେବେ ଭଲ ଭାବରେ ଦେଖିଲେ ଜଙ୍ଗଲି ଡାଲଚିନି ଭିତରେ ଅଂଶରେ ଅନେକ ପରସ୍ତ ପରସ୍ତ ହୋଇ ଛାଲ ରହିଥାଏ ଯାହାକୁ ଖାଲିଆଖିରେ ଦେଖିଲେ ମଧ ଫରକ ଜଣାପଡିବ ।
୩ ଡାଲଚିନିର ଛାଲ ଅତି ସରୁ ଓ ଏହାକୁ ଯେକୌଣସି କଲମ ବା ପେନ୍‌ସିଲ ଚାରିକଡେ ସହଜରେ ଗୁଡାଯାଇ ପାରିବ । ଏହାର ସ୍ୱତନ୍ତ୍ର ବାସ୍ନା ରହିଛି ।



ଡାଲ୍‌ଚିନି



ଜଙ୍ଗଲି ଡାଲ୍‌ଚିନି

## ପରୀକ୍ଷା-୩୧

### ଜୀରାରେ କୋଇଲା ଗୁଣ୍ଡ ମିଶା ଘାସ ମଞ୍ଜି ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

1 ଆପଣଙ୍କର ପାପୁଲିରେ କିଛି ଜୀରା ନିଅନ୍ତୁ ଓ ଏହାକୁ ଘଷନ୍ତୁ ।
2 ଯଦି ଆପଣଙ୍କର ପାପୁଲି କଳା ହୋଇଯିବ ତେବେ ଅପମିଶ୍ରଣ ହୋଇଥିବା ଜଣାପଡିବ ।



ବିଶୁଦ୍ଧ



ଅପମିଶ୍ରିତ

## ପରୀକ୍ଷା-୩୨

### ସୋରିଷରେ ସତ୍ୟାନାଶୀ (ଆର୍ଜନିଆ) ମଞ୍ଜି ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଗୋଟିଏ ଗ୍ଲାସ ପ୍ଲେଟ୍‌ରେ କିଛି ସୋରିଷ ନିଅନ୍ତୁ ।

୨ ସୋରିଷରେ ସତ୍ୟାନାଶୀ (ଆର୍ଜନିଆ) ମଞ୍ଜି ମିଶା ଯାଇଥିଲେ ଏହା ଖାଲି ଆଖିରେ ମଧ ଭଲ ଭାବରେ ଲକ୍ଷ୍ୟ କଲେ ଜଣାପଡିଯିବ ।

୩ ସୋରଷ ମଞ୍ଜି ଗୁଡିକ ସମ୍ପୂର୍ଣ୍ଣ ଗୋଲାକାର ଆକୃତିର ଓ ଏହାକୁ ହାତରେ ଚିପିଲେ ଏହା ଭିତର ଅଂଶ ହଳଦିଆ ଦେଖାଯାଏ ।

୪ ସତ୍ୟାନାଶୀ (ଆର୍ଜନିଆ) ମଞ୍ଜିର ଉପର ଅଂଶ ମସୃଣ ନୁହେଁ ଓ ଏହାର ରଙ୍ଗ କଳା ଚିପିଲେ ଏହାର ଭିତର ଅଂଶ ଧଳା ଦେଖାଯାଏ ।



ସୋରିଷ ମଞ୍ଜି



ସତ୍ୟାନାଶୀ ମଞ୍ଜି

## ପରୀକ୍ଷା-୩୩

### ଗୋଟା ହଳଦୀରେ ଲିଡ୍‌କ୍ରୋମେଟ୍ ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଗୋଟିଏ କାଚ ଗ୍ଲାସରେ କିଛି ପାଣି ନିଅନ୍ତୁ ଓ ଏହି ପାଣିରେ ଗୋଟା ହଳଦୀ ପକାନ୍ତୁ ।

୨ ହଳଦୀ ବିଶୁଦ୍ଧ ହୋଇଥିଲେ ଏଥିରୁ କୌଣସି ରଙ୍ଗ ବାହାରିବ ନାହିଁ ।

୩ ଅପମିଶ୍ରିତ ଗୋଟା ହଳଦୀ ଉଜ୍ଜଳ ଦେଖାଯିବ ଓ ପାଣିରେ ପଡିବା ମାତ୍ରେ ଏହାର ରଙ୍ଗ ଛାଡିବ ।



ବିଶୁଦ୍ଧ



ଅପମିଶ୍ରିତ

## ପରୀକ୍ଷା-୩୪

### ହଳଦୀ ଗୁଣ୍ଡରେ କୃତ୍ରିମ ରଙ୍ଗ ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଗୋଟିଏ କାଚ ଗ୍ଲାସରେ କିଛି ପାଣି ନିଅନ୍ତୁ ଓ ଏହି ପାଣିରେ ଚାମଚେ ହଳଦୀ ଗୁଣ୍ଡ ପକାନ୍ତୁ ।

୨ ହଳଦୀ ବିଶୁଦ୍ଧ ହୋଇଥିଲେ ପାଣିର ରଙ୍ଗ ଇଷତ୍ ହଳଦିଆ ହେବ ଓ ଏହା ଗ୍ଲାସର ତଳ ଭାଗରେ ବସି ଯିବ ।

୩ ଅପମିଶ୍ରିତ ହଳଦୀଗୁଣ୍ଡ ପାଣିରେ ପଡ଼ିବା ପରେ ତଳେ ବସିବା ସହିତ ପାଣିର ରଙ୍ଗ ଗାଢ଼ ହଳଦିଆ ହୋଇଯିବ ।



ବିଶୁଦ୍ଧ



ଅପମିଶ୍ରିତ

## ପରୀକ୍ଷା-୩୫

### ମସଲାଗୁଣ୍ଡରେ କରତ ଗୁଣ୍ଡ ଓ କୁଣ୍ଡା ପାଉଡର ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଗୋଟିଏ କାଚ ଗ୍ଲାସରେ କିଛି ପାଣି ନିଅନ୍ତୁ ଓ ଏହି ପାଣିରେ କିଛି ମସଲା ଗୁଣ୍ଡ ଛିଟିଂ ଦିଅନ୍ତୁ ।

୨ ମସଲାଗୁଣ୍ଡ ବିଶୁଦ୍ଧ ହୋଇଥିଲେ ପାଣି ଉପରେ କରତ ଗୁଣ୍ଡ/ କୁଣ୍ଡା ପାଉଡର ଭାସିବ ନାହିଁ ।

୩ ମସଲାଗୁଣ୍ଡ ଅପମିଶ୍ରିତ ହୋଇଥିଲେ ପାଣି ଉପରେ କରତ ଗୁଣ୍ଡ/ କୁଣ୍ଡା ପାଉଡର ଭାସିବ ।



ବିଶୁଦ୍ଧ



ଅପମିଶ୍ରିତ

## ପରୀକ୍ଷା-୩୬

### ସାଧାରଣ ଲୁଣ ଓ ଆୟୋଡିନ୍‌ଯୁକ୍ତ ଲୁଣ ମଧ୍ୟରେ ପାର୍ଥକ୍ୟ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଗୋଟିଏ ଆଳୁକୁ ଦୁଇ ଖଣ୍ଡ କରି କାଟନ୍ତୁ ଏହା ଉପରେ କିଛି ଲୁଣ ଛିଟିଂ ଦିଅନ୍ତୁ ଓ କିଛି ସମୟ ଅପେକ୍ଷା କରନ୍ତୁ ।

୨ ଏହା ଉପରେ ଦୁଇ ଟୋପା ଲେମ୍ବୁ ରସ ପକାନ୍ତୁ ।

୩ ଯଦି ଲୁଣ ଆୟୋଡିନ୍‌ଯୁକ୍ତ ହୋଇଥିବ ତେବେ ଆଳୁରେ ଲୁଣ ପଡିଥିବା ସ୍ଥାନଟି ନୀଳ ପଡିଯିବ ମାତ୍ର, ଯଦି ଲୁଣ ଆୟୋଡିନ୍‌ଯୁକ୍ତ ହୋଇନଥିବ ତେବେ ଆଳୁରେ ଲୁଣ ପଡିଥିବା ସ୍ଥାନରେ କିଛି ପରିବର୍ତ୍ତନ ହେବ ନାହିଁ ।



ଆୟୋଡିନ୍ ଯୁକ୍ତ ଲୁଣ



ସାଧାରଣ ଲୁଣ

## ପରୀକ୍ଷା-୩୭

### କେଶରରେ ଶୁଖିଲା ମକା ଶିରା (ମକା ମଞ୍ଜି ଉପରେ ଥିବା ସରୁ ସୂତା ଭଳି ଆବରଣ) ଅପମିଶ୍ରଣ ଚିହ୍ନଟ

**ପରୀକ୍ଷା ପଦ୍ଧତି :**

୧ କୃତ୍ରିମ କେଶର ଭଳି ବିଶୁଦ୍ଧ କେଶର ସହଜରେ ଭାଙ୍ଗେ ନାହିଁ । ମକା ଶିରାକୁ ଚିନି ପାଣିରେ ବତୁରାଇବା ପରେ ଆଲକାତରା ଦ୍ୱାରା ରଙ୍ଗ କରିଶୁଖାଇ କୃତ୍ରିମ କେଶର ପ୍ରସ୍ତୁତ କରାଯାଏ ।

୨ ଗୋଟିଏ କାଚ ଗ୍ଲାସରେ ଏକ ଗ୍ଲାସ ପାଣି ନିଅନ୍ତୁ ଓ ଏଥିରେ କିଛି କେଶର ପକାନ୍ତୁ ।

୩ ଯଦି କେଶର ଅପମିଶ୍ରିତ ହୋଇଥିବ ତେବେ ପାଣିରେ ପଡିବା ମାତ୍ରେ କୃତ୍ରିମ ରଙ୍ଗ ତୁରନ୍ତ ଛାଡିବା ଆରମ୍ଭ ହେବ । କିନ୍ତୁ ପ୍ରକୃତ କେଶର ପାଣିରେ ଯେତେ ସମୟ ରହିଲେ ମଧ୍ୟ ଏହାର ପ୍ରାକୃତିକ ରଙ୍ଗ ବଦଳିବ ନାହିଁ ।



କେଶର



କୃତ୍ରିମ କେଶର

# ଫଳ ଓ ପନିପରିବା

## ପରୀକ୍ଷା-୩୮

# କଲରା, ସିମଲା ଲଙ୍କା ଓ ଅନ୍ୟାନ୍ୟ ସବୁଜ ପରିବାରେ କ୍ଷତିକାରକ ସବୁଜ ରଙ୍ଗ ଚିହ୍ନଟ ପାଇଁ ପରୀକ୍ଷା

### ପରୀକ୍ଷା ପଦ୍ଧତି-୧ :

- ୧ ଗୋଟିଏ ସୂତା କପଡାକୁ ପାଣିରେ ବା ଖାଇବା ତେଲରେ ବୁଡାନ୍ତୁ । (ଏହି ପରୀକ୍ଷା ଅଲଗା କରନ୍ତୁ)
- ୨ କଲରା ଓ ସିମଲା ଲଙ୍କା ଭଳି ସବୁଜ ପରିବାକୁ ଏହି କପଡାରେ ଘସି ଦିଅନ୍ତୁ ।
- ୩ ଯଦି କପଡାର ରଙ୍ଗ ସବୁଜ ହୋଇଯାଏ ତେବେ ଆପଣ ଆଣିଥିବା ପରିବାରେ କୃତ୍ରିମ ରଙ୍ଗ ଦିଆଯାଇଥିବା ଜଣାପଡିବ ।



ବିଶୁଦ୍ଧ



ଅପମିଶ୍ରିତ

### ପରୀକ୍ଷା ପଦ୍ଧତି-୨ :

- ୧ ରଙ୍ଗ ପରୀକ୍ଷା କରିବା ପାଇଁ ନେଇଥିବା ସବୁଜ ପରିବାକୁ ଗୋଟିଏ ମଶ୍ଚରାଇଜଡ୍ ବ୍ଲଟିଂ କାଗଜ ଉପରେ ରଖନ୍ତୁ ।
- ୨ ଯଦି ବ୍ଲଟିଂ କାଗଜ ଉପରେ ପରିବା ଓ ସବୁଜ ରଙ୍ଗର ଛାପ ରହିଯାଏ ତେବେ ପରିବାରେ କୃତ୍ରିମ ରଙ୍ଗ ଅପମିଶ୍ରିତ ହୋଇଥିବା ଜଣାପଡିବ ।



ସବୁଜ ପରିବା (ମଟର)



ଅପମିଶ୍ରିତ ପରିବା (ମଟର)

## ପରୀକ୍ଷା-୩୯

### ମଟରରେ କୃତ୍ରିମ ରଙ୍ଗ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ କାଚ ଗ୍ଲାସରେ କିଛି ପରିମାଣର ମଟର ମଞ୍ଜି ନିଅନ୍ତୁ ।
୨ ଏଥିରେ କିଛି ପାଣି ପକାଇ ଭଲ ଭାବରେ ମିଶାନ୍ତୁ ।
୩ ଏହାକୁ ଅଧ ଘଂଟା ପର୍ଯ୍ୟନ୍ତ ପାଣିରେ ରହିବା ପାଇଁ ଛାଡି ଦିଅନ୍ତୁ ।
୪ ପାଣିର ରଙ୍ଗ ବଦଳି ଗଲେ ମଟର ଛୁଇଁରେ କୃତ୍ରିମ ରଙ୍ଗ ଦିଆଯାଇଥିବା ଜଣାପଡିବ ।


ବିଶୁଦ୍ଧ


ଅପମିଶ୍ରିତ

## ପରୀକ୍ଷା-୪୦

### କନ୍ଦମୂଳରେ ରୋଡାମାଇନ୍ ବି ବ୍ୟବହାର ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଗୋଟିଏ ତୂଳା ବଲ୍‌କୁ ପାଣିରେ ବା ଖାଇବା ତେଲରେ ବୁଡାନ୍ତୁ । (ଏହି ପରୀକ୍ଷା ଅଲଗା କରନ୍ତୁ)
୨ କନ୍ଦମୂଳକୁ ଏହି ବଲ୍ ଦ୍ୱାରା ଘଷି ଦିଅନ୍ତୁ ।
୩ ଯଦି ତୂଳାବଲ୍ କନ୍ଦମୂଳ ଉପରେ ଥିବା ରଙ୍ଗ ଶୋଷି ଦିଏ ତେବେ କନ୍ଦମୂଳରେ ରଙ୍ଗ ଦେବା ପାଇଁ ରୋଡାମାଇନ୍ ବି


ବିଶୁଦ୍ଧ


ଅପମିଶ୍ରିତ



# ମୃଦୁପାନୀୟ

## ପରୀକ୍ଷା-୪୧

### କଫି ପାଉଡରରେ ମାଟି ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଗୋଟିଏ କାଚ ଗ୍ଲାସରେ କିଛି ପାଣି ନିଅନ୍ତୁ ଓ ଏହି ପାଣିରେ ଅଧ ଚାମଚ କଫି ପାଉଡର ମିଶାନ୍ତୁ ।

୨ ଭଲ ଭାବରେ ଗୋଳାଇ ଏହି ମିଶ୍ରଣକୁ ୫ ମିନିଟ୍ ପାଇଁ ରଖି ଦିଅନ୍ତୁ । ଗ୍ଲାସର ତଳ ଭାଗକୁ ଲକ୍ଷ୍ୟ କରନ୍ତୁ ।

୩ ଅସଲି କଫି ପାଉଡର ହୋଇଥିଲେ ଗ୍ଲାସର ତଳ ଭାଗରେ କୌଣସି ଜିନିଷ ଜମା ହେବ ନାହିଁ କିନ୍ତୁ ଅପମିଶ୍ରିତ କଫି ପାଉଡର କ୍ଷେତ୍ରରେ ଗ୍ଲାସର ତଳ ଭାଗରେ ମାଟି ଜମା ହୋଇ ରହିବ ।



ବିଶୁଦ୍ଧ



ଅପମିଶ୍ରିତ

## ପରୀକ୍ଷା-୪୨

### କଫି ପାଉଡରରେ ମାଟି ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି :**

୧ ଗୋଟିଏ କାଚ ଗ୍ଲାସରେ ଏକ ଗ୍ଲାସ ପାଣି ନିଅନ୍ତୁ ।

୨ ଏଥିରେ ୧ ଚାମଚ କଫି ପାଉଡର ପକାନ୍ତୁ ।

୩ କଫି ପାଉଡର ଗ୍ଲାସ ଉପରେ ଭାସିବ କିନ୍ତୁ ଅପମିଶ୍ରିତ ମାଟି ଗ୍ଲାସର ତଳେ ବସିଯିବ ।



ବିଶୁଦ୍ଧ



ଅପମିଶ୍ରିତ

## ପରୀକ୍ଷା-୪୩

### ଚା ପତିରେ ନଷ୍ଟ ହୋଇଯାଇଥିବା ପତି ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି-୧ :**

୧ ଗୋଟିଏ ଛୋଟ ଫିଲ୍ଟର କାଗଜ ନିଅନ୍ତୁ ଓ ଏହା ଉପରେ କିଛି ଚା ପତି ଛିଟିଂ ଦିଅନ୍ତୁ ।

୨ ଫିଲ୍ଟର କାଗଜ ଉପରେ ଅଳ୍ପ ପାଣି ଛିଟିଂ ଦିଅନ୍ତୁ ।

୩ ଟ୍ୟାପ୍ ପାଣି ତଳେ ଫିଲ୍ଟର କାଗଜଟିକୁ ଧୋଇ ଦିଅନ୍ତୁ ଓ କାଗଜରେ ଲାଗିଥିବା ଦାଗ ଗୁଡିକୁ ଆଲୁଅରେ ଦେଖାନ୍ତୁ ।

୪ ଅସଲି ଚା ପତି ଫିଲ୍ଟର କାଗଜରେ କୌଣସି ଦାଗ ଛାଡେ ନାହିଁ ।

**ପରୀକ୍ଷା ପଦ୍ଧତି-୨ :**

- ୧ ଅଳ୍ପ ଚା ପତି ବା ଗୁଣ୍ଡ ଚା ନିଅନ୍ତୁ ଓ ଏହାକୁ ଫିଲ୍ଟର କାଗଜ ଉପରେ ଏକାଠି କରି ରଖନ୍ତୁ ।
- ୨ ଚା ପତି ବା ଗୁଣ୍ଡ ଚା ଗଦା ଉପରେ ଠୋପା ଠୋପା କରି ପାଣି ପକାନ୍ତୁ ।
- ୩ ଯଦି ଚା ପତିରେ କୃତ୍ରିମ ରଙ୍ଗ ଥିବ ତେବେ ପାଣିରେ କୃତ୍ରିମ ରଙ୍ଗ ବୋହିଯିବ ଓ ଫିଲ୍ଟର କାଗଜ ଉପରେ ଦାଗ ରହିବ ।



Pure



Adulterated

**ପରୀକ୍ଷା ପଦ୍ଧତି-୩ :**

- ୧ ଗୋଟିଏ ଗ୍ଲାସ ପ୍ଲେଟ୍ ବା ଟାଇଲ୍ ଉପରେ ଅଳ୍ପ ପରିମାଣର ଚା ପତି ବା ଗୁଣ୍ଡ ଚା ନିଅନ୍ତୁ ଓ ଏହାକୁ ଫିଲ୍ଟର କାଗଜ ଉପରେ ଏକାଠି କରି ରଖନ୍ତୁ ।
- ୨ ଏହା ଉପରେ ଅଳ୍ପ ଗୁଣ୍ଡ ଚା ପକାନ୍ତୁ ।
- ୩ ଲାଲ୍, କମଳା ବା ଅନ୍ୟାନ୍ୟ ରଙ୍ଗର ଛାପ ଦେଖାଗଲେ ଚା ପତିରେ ଆଲକାତରା ଭଳି କୃତ୍ରିମ ରଙ୍ଗ ମିଶିଥିବା ଜଣାପଡିବ ।
- ୪ ଅସଲି ଚା କ୍ଷେତ୍ରରେ ଚା ପତ୍ରରେ ଥିବା କ୍ଲୋରୋଫିଲ ଯୋଗୁ କାଗଜ ଉପରେ ହାଲ୍କା ସବୁଜ ରଙ୍ଗର ଦାଗ ଦେଖାଯିବ ।

## ପରୀକ୍ଷା-୪୪

## ଚା ପତିରେ ଲୁହାଗୁଣ୍ଡ ଅପମିଶ୍ରଣ ଚିହ୍ନଟ ପାଇଁ ପରୀକ୍ଷା

**ପରୀକ୍ଷା ପଦ୍ଧତି**

- ୧ ଗୋଟିଏ ଗ୍ଲାସ ପ୍ଲେଟ୍ ଉପରେ ଅଳ୍ପ ପରିମାଣର ଚା ପତି ବା ଗୁଣ୍ଡ ଚା ନିଅନ୍ତୁ ।
  ଚା ପତି ଭିତରେ ଚୁମ୍ବକ ବୁଲାନ୍ତୁ ।
- ୨ ଅସଲି ଚା ପତି କ୍ଷେତ୍ରରେ ଚୁମ୍ବକରେ କୌଣସି ଜିନିଷ ଲାଗିବ ନାହିଁ କିନ୍ତୁ ଯଦି ଚା ପତିରେ ଲୁହା ଅପମିଶ୍ରିତ ହୋଇଥିବ ତେବେ ଏହା ଚୁମ୍ବକ ଦେହରେ ଲାଗି ରହିବ ।



ବିଶୁଦ୍ଧ



ଅପମିଶ୍ରିତ

# ଖାଦ୍ୟ ପଦାର୍ଥର ମାନ ନିର୍ଦ୍ଧାରଣ ନିମନ୍ତେ  ଉଦ୍ଦିଷ୍ଟ ମୂଲ୍ୟାୟନ ବ୍ୟବସ୍ଥା ପାଇଁ ତ୍ୱରିତ ପରୀକ୍ଷା

| ଖାଦ୍ୟ ପଦାର୍ଥ | ଅପମିଶ୍ରଣ ନିମନ୍ତେ ବ୍ୟବହୃତ ପଦାର୍ଥମାନ | ନିର୍ଦ୍ଧାରଣ ନିମନ୍ତେ ପଦ୍ଧତି |
|---|---|---|
| କ୍ଷୀର | ସିନ୍ଥେଟିକ୍ ମିଲ୍କ | ୧. ସିନ୍ଥେଟିକ୍ ମିଲ୍କ କ୍ଷୀରକୁ ପିତା କରିଦିଏ<br>୨. ଯଦି ଅପମିଶ୍ରଣ ହୋଇଥାଏ କ୍ଷୀରକୁ ଦୁଇ ଆଙ୍ଗୁଠିରେ ଘସିଲେ ସାବୁନ ଭଳି ଫେଣ ହୋଇଯାଏ । |
| ଗୋଲମରିଚ/ଲବଙ୍ଗ | ମିନେରାଲ ତେଲ କୋଟିଂ | ମିନେରାଲ ତେଲ ଦ୍ୱାରା କୋଟେଡ୍ ଗୋଲମରିଚରୁ କିରୋସିନ୍ ଭଳି ଗନ୍ଧ ବାହାରେ । |
| ଲଙ୍କାଗୁଣ୍ଡ | ଇଟାଗୁଣ୍ଡ<br>ଗୁଣ୍ଡ ଲୁଣ<br>ପାଉଡର | ୧. ଏକ ଗ୍ଲାସ ପାଣିରେ ୧ ଚାମଚ ଲଙ୍କାଗୁଣ୍ଡ ମିଶାନ୍ତୁ ଓ ଜମି ଥିବା ପଦାର୍ଥକୁ ନିରୀକ୍ଷଣ କରନ୍ତୁ ।<br>୨. ଏହି ପଦାର୍ଥକୁ ହାତରେ ଦଳିଲେ ଯଦି ବାଲି ଦଳିବା ଭଳି ଅନୁଭବ ହୁଏ ଏଥିରେ ଇଟା ଗୁଣ୍ଡ ଅପମିଶ୍ରିତ ହୋଇଥିବା ଜଣାପଡିବ ।<br>୩. ଯଦି ଏହି ପଦାର୍ଥକୁ ହାତରେ ଦଳିଲେ ଚିକ୍କଣିଆ ଲାଗେ ତେବେ ଏଥିରେ ପାଉଡର ଅପମିଶ୍ରିତ ହୋଇଥିବା ଜଣାପଡିବ । |
| ଲବଙ୍ଗ | ବାଷ୍ପୀୟ ତେଲ ଓ ଫମ୍ପା ଲବଙ୍ଗ | ୧. ଫମ୍ପା ଲବଙ୍ଗକୁ ପାଣିରେ ମିଶାଇଲେ ଏହା ଉପରେ ଭାସିବ  ଓ ଏହାର ଛୋଟ ଆକାରରୁ ଫରକ ଜାଣିହେବ<br>୨. ଫମ୍ପା ଲବଙ୍ଗର ସ୍ୱାଦ ଭଲ ଲବଙ୍ଗ ଠାରୁ ହାଲୁକା । |
| ଚିନି | ୟୁରିଆ | ୧. ପାପୁଲିରେ ଅଳ୍ପ ଚିନି ନେଇ ଦଳି ଦିଅନ୍ତୁ । ୟୁରିଆ ମିଶିଥିଲେ ଆମୋନିଆ ବାସ୍ନା ହେବ ।<br>୨. ଅଳ୍ପ ପରିମାଣର ଚିନିକୁ ପାଣିରେ ମିଶାନ୍ତୁ ।<br>୩. ଯଦି ଅପମିଶ୍ରଣ ହୋଇଥିବ ତେବେ ପାଣିରୁ ଆମୋନିଆ ଗନ୍ଧ ହେବ । |
| ଗହମ, ଚାଉଳ, ମକା, ବାଜରା, ଚଣା ଓ ବାର୍ଲି ଇତ୍ୟାଦି | ପୋକଖିଆ ଶସ୍ୟ | ୧. ଏହାକୁ ଅଲଗା କରାଯାଇ ପରୀକ୍ଷା କରିହେବ ।<br>୨. ଏହା ଦେଖିବାକୁ ଅସୁନ୍ଦର, ଏହାର ରଙ୍ଗ ଈଷତ୍ କଳା, ଏହି ଶସ୍ୟରୁ ପଚା ମାଛର ଦୁର୍ଗନ୍ଧ ବାହାରେ । |
| ଅଟା | ନଷ୍ଟ ଅଟା/ମଇଦା | ୧. ଏଭଳି ଅଟାକୁ ଚକଟିବା ପାଇଁ ଅଳ୍ପ ପାଣି ଦରକାର ହୁଏ ।<br>୨. ଭଲ ଅଟାରୁ ପ୍ରସ୍ତୁତ ରୁଟିର ସ୍ୱାଦ ମିଠା ହେଲା ବେଳେ ଏହି ଭଳି ନଷ୍ଟ ଅଟାରୁ ପ୍ରସ୍ତୁତ ରୁଟିର କୌଣସି ସ୍ୱାଦ ନଥାଏ । |
| ସାଗୁ | ବାଲି ବା ପାଉଡର | ୧. ଅଳ୍ପ ସାଗୁକୁ ପାଟିରେ ପକାନ୍ତୁ ।<br>୨. ଯଦି ଅପମିଶ୍ରିତ ହୋଇଥିବ ତେବେ ଏହାର ସ୍ୱାଦ କଡା ଲାଗିବ । |
| ମସଲା ଗୁଣ୍ଡ | ସାଧାରଣ ଲୁଣ | ୧. ପାଟିରେ ଚାଖିଲେ ଲୁଣ ମିଶା ହୋଇଥିବା ଜଣାପଡିବ ।<br>୨. ଯଦି ଲୁଣ ଥିବ ତେବେ ଏହାର ସ୍ୱାଦ ଲୁଣିଆ ହେବ । |
| ମିଠା ମାଂସ | କୃତ୍ରିମ ମିଷ୍ଟକ | ୧. ଅଳ୍ପ ପରିମାଣର ନମୁନାକୁ ଚାଖନ୍ତୁ<br>୨. କୃତ୍ରିମ ମିଠାର ସ୍ୱାଦ ଜିଭରେ କିଛି ସମୟ ରହିବା ପରେ ପିତା ଲାଗିବ । (ଯଦି ଚିନି ମିଶ୍ରଣ ପରେ କୃତ୍ରିମ ମିଷ୍ଟକ ପାଇଁ ମିଶ୍ରଣ କରାଯାଇଥାଏ ତେବେ ଏଭଳି ଲାଗିବ) |

# ମତାମତ ଫର୍ମ

ଏହି ପୁସ୍ତିକାର ପାଠକ ଭାବେ ଆମେ ଆପଣଙ୍କର ମତାମତକୁ ସ୍ୱାଗତ କରୁଛୁ ଓ ଆମେ ଆପଣଙ୍କ ଠାରୁ ନିମ୍ନଲିଖିତ ବିଷୟରେ ମତାମତ ଆଶା କରୁଛୁ ।

କ. ପୁସ୍ତିକା ସମ୍ପର୍କରେ ଆପଣଙ୍କର ମତାମତ କଣ ?

..........................................................................................................................................................................................

..........................................................................................................................................................................................

..........................................................................................................................................................................................

...................................................................................................................

ଖ. ଆପଣଙ୍କ ବିଚାରରେ ଏହି ପୁସ୍ତିକାରେ ଉଲ୍ଲେଖ କୌଣସି ବିଷୟକୁ ଅଧିକ ଉନ୍ନତ ଭାବେ ଉପସ୍ଥାପନ କରାଯାଇ ପାରିବ କି ?

..........................................................................................................................................................................................

..........................................................................................................................................................................................

..........................................................................................................................................................................................

...................................................................................................................

ଗ. ଆପଣ କୌଣସି ପ୍ରକାର ଖାଦ୍ୟର ମାନ ପରୀକ୍ଷା ପାଇଁ ଏଭଳି କିଛି ଘରୋଇ ଉପାୟ ସମ୍ପର୍କରେ ଜାଣିଛନ୍ତି କି ଯାହା ଏହି ପୁସ୍ତିକାରେ ଅର୍ନ୍ତଭୁକ୍ତ ହୋଇନାହିଁ । ତେବେ ଏହି ବିଷୟରେ ଆମକୁ ସୂଚନା ଦିଅନ୍ତୁ ବା ଏହାର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ କରିବା ପାଇଁ ଆମକୁ ଜଣାନ୍ତୁ ।

..........................................................................................................................................................................................

..........................................................................................................................................................................................

..........................................................................................................................................................................................

.......................................................................................................................

ଘ. ଏହି ପୁସ୍ତିକା ବିଷୟରେ ଅନ୍ୟ କୌଣସି ସୂଚନା

..........................................................................................................................................................................................

..........................................................................................................................................................................................

..........................................................................................................................................................................................

...................................................................................................................

ଗୁଣାତ୍ମକ ମାନ ନିର୍ଦ୍ଧାରଣ ବିଭାଗ
ଭାରତୀୟ ଖାଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣ
ଏଫ୍‌ଡିଏ ଭବନ, କୋଟ୍‌ଲା ରୋଡ, ନୂଆଦିଲ୍ଲୀ- ୧୧୦୦୦୨
ଇମେଲ- labs@fssai.gov.in

सत्यमेव जयते

ଭାରତୀୟ ଖାଦ୍ୟ ନିରାପତ୍ତା
ଏବଂ ମାନକ ପ୍ରାଧିକରଣ

ବିଶ୍ୱାସର ପ୍ରେରଣା ତଥା ନିରାପଦ ଓ ସ୍ୱାସ୍ଥ୍ୟକର ଖାଦ୍ୟର ନିର୍ଭର ପ୍ରତିଶ୍ରୁତି

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର

# ଖାଦ୍ୟ ସୁରକ୍ଷା ଚକ୍ର

Compliance@fssai.gov.in

Toll-Free-No.
18 0011 2100

Whats App
98 6868 6868

FSSAI

FSSAI

SMS
98 6868 6868

@fssaiindia

foodlicensing.fssai.gov.in
/cmsweb/



# ଏକ ନବ ଭାରତ, ସୁସ୍ଥ ଓ ସୁଖୀ ଭାରତ ନିର୍ମାଣ




## ନାଗରିକଙ୍କ ଖାଦ୍ୟ ସମ୍ବନ୍ଧୀୟ ଆଚରଣଗତ ପରିବର୍ତ୍ତନ ତଥା ପଥ ପ୍ରଦର୍ଶନ ନିମିତ୍ତ ବିଭିନ୍ନ ପଦକ୍ଷେପ

ଖାଦ୍ୟ ଦ୍ୱାରା ବ୍ୟାପୁଥିବା ସଂକ୍ରମଣ ଓ ରୋଗର ପ୍ରତିରୋଧ ଏବଂ
ସର୍ବଦା ସମସ୍ତ ସ୍ଥାନରେ ନାଗରିକମାନଙ୍କୁ ସମ୍ପୂର୍ଣ୍ଣ ପୋଷଣ ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ

सत्यमेव जयते

fssai

**ଭାରତୀୟ ଖାଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣ**

ବିଶ୍ୱାସର ପ୍ରେରଣା ତଥା ନିରାପଦ ଓ ସ୍ୱାସ୍ଥ୍ୟକର ଖାଦ୍ୟର ନିର୍ଭର ପ୍ରତିଶ୍ରୁତି

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର

ଆମକୁ ସହଯୋଗ କରନ୍ତୁ

For more information, visit our website
www.fssai.gov.in/snfathome

Write to us at snfathome@fssai.gov.in with your suggestions and queries